# NATIONAL NEWS BULLETIN (ODIA)

**23 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସହିଦ ଦିବସ ଅବସରରେ ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ ।

- ନିୟମିତ ବ୍ୟାୟାମ ଏବଂ ସାଇକଲ ଚାଳନାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଆହ୍ୱାନ ଦେଲେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

- ଆଗାମୀ ଦଶନ୍ଧି ପାଇଁ ଅନୁକୂଳ ଶକ୍ତି ପରିବେଶ ସୁନିଶ୍ଚିତ କରିବା' ଭାରତର ପ୍ରମୁଖ କୂଟନୈତିକ ଉଦ୍ଦେଶ୍ୟ ବୋଲି କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଇସ୍ରାଏଲର ବିମାନ ଆକ୍ରମଣରେ ହମାସ୍‌ର ରାଜନୈତିକ ନେତା ସଲାହ-ଅଲ୍ ବରଦାୱିଲ ନିହତ ।

ଏବଂ

- ଏଫ୍.ଆଇ.ବି.ଏ ପୁରୁଷ ଏସୀୟ କପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କଲା ଭାରତୀୟ ବାସ୍କେଟବଲ ଦଳ ।

---

# ପଞ୍ଜାବ-ମାର୍ଟିୟାର ଡେ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ୩ଜଣ ବିପ୍ଳବୀ ସହିଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପ୍ପରଙ୍କୁ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହି ବୀର ଜବାନମାନଙ୍କୁ ବ୍ରିଟିଶ ସରକାର ୧୯୩୧ ମସିହା ଆଜିର ଦିନରେ ଲାହୋରର କେନ୍ଦ୍ରୀୟ ଜେଲ୍‌ରେ ଫାଶୀ ଦେଇଥିଲେ । ୧୯୨୮ ମସିହା ଡିସେମ୍ବର ୧୭ ତାରିଖରେ ଲାହୋରରେ ବ୍ରିଟିଶ ପୋଲିସ ଅଧିକାରୀ ଜେ.ପି.ସାଣ୍ଡର୍ସଙ୍କୁ ହତ୍ୟା ଅଭିଯୋଗରେ ଏହି ୩ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା । ଏହି ବିପ୍ଳବୀଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖରେ ସମଗ୍ର ଦେଶରେ ସହିଦ ଦିବସ ପାଳନ କରାଯାଇଥାଏ । ସ୍ୱାଧୀନତା ସଂଗ୍ରାମ ପାଇଁ ନିଜ ଜୀବନକୁ ବାଜି ଲଗାଇଥିବା ସଂଗ୍ରାମୀଙ୍କ ବୀରତ୍ୱ ଏବଂ ସଂକଳ୍ପକୁ ଏହି ଦିବସ ସ୍ମରଣ କରାଇଥାଏ । ଦେଶବାସୀ ଏହି ବିପ୍ଳବୀଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି ଦିବସ ପାଳନ ଅବସରରେ ୩ଜଣଯାକ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ସେୟାର କରି ପ୍ରଧାନମନ୍ତ୍ରୀ ସେମାନଙ୍କର ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସେମାନଙ୍କ ବଳିଦାନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ।

**V/O**

# ଫିଟ୍ ଇଣ୍ଡିଆ

ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନିୟମିତ ବ୍ୟାୟାମ ଏବଂ ସାଇକଲ ଚାଳନାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଆହ୍ୱାନ ଦେଇଛନ୍ତି । ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ' ଅଭିଯାନକୁ  ଆଜି ଲକ୍ଷ୍ନୌଠାରେ ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ସାଇକଲ ଚାଳନା ଦ୍ୱାରା ମାନସିକ ଏବଂ ଶାରିରୀକ ସୁସ୍ଥତା ବୃଦ୍ଧି ପାଇଥାଏ । ପରିବେଶ ଓ ସୁରକ୍ଷିତ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ ।

**V/O (Mandaviya)**

ଏହି ଅବସରରେ ଡକ୍ଟର ମାଣ୍ଡବୀୟ ୩ କିଲୋମିଟର ପର୍ଯ୍ୟନ୍ତ ସାଇକଲ ଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୪୦ରୁ ଅଧିକ ସାଇକଲ ଚାଳକ ଅଂଶଗ୍ରହଣ କରି ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପ୍ରଚାର କରିଥିଲେ । ସୂଚନାଯୋଗ୍ୟ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ୪ହଜାର ୨୦୦ରୁ ଅଧିକ ସାଇକଲ ଚାଳନା ଅଭିଯାନ ଆୟୋଜିତ ହେବା ସହ ଏଥିରେ ପାଖାପାଖି ୨ଲକ୍ଷ ଲୋକ ଅଂଶଗ୍ରହଣ କରିଥିବା ଜଣାପଡିଛି ।

# ଜୟଶଙ୍କର

ଆଗାମୀ ଦଶନ୍ଧି ପାଇଁ ଅନୁକୂଳ ଶକ୍ତି ପରିବେଶ ସୁନିଶ୍ଚିତ କରିବା ଭାରତର ପ୍ରମୁଖ କୂଟନୈତିକ ଉଦ୍ଦେଶ୍ୟ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ମୁମ୍ବାଇଠାରେ ଗତକାଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ଜୟଶଙ୍କର କହିଛନ୍ତି ଶିଳ୍ପନୀତି, ରପ୍ତାନୀ ନିୟନ୍ତ୍ରଣ ଏବଂ ଶୁଳ୍କ ବିବାଦର ବାସ୍ତବତା ସହ ଆଜି ସମଗ୍ର ବିଶ୍ୱ ସଂଘର୍ଷ କରୁଛି । ତେବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଭାରତ ଏକ ବ୍ୟାପକ ଏବଂ ବିବିଧ ଶକ୍ତିସମ୍ପର୍କ ବିକଶିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସବ୍ କା ସାଥ୍-ସବ୍ କା ବିକାଶର ଚିନ୍ତାଧାରା ମଧ୍ୟ ଦେଶର ବୈଦେଶିକ ନୀତି କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ରୁଷ୍- ୟୁକ୍ରେନ, ଇସ୍ରାଏଲ-ଇରାନ, ପଶ୍ଚିମ ଗଣତାନ୍ତ୍ରିକ ରାଷ୍ଟ୍ର-ଦକ୍ଷିଣ ବିଶ୍ୱ, ବ୍ରିକ୍ସ ଏବଂ କ୍ୱାର୍ଡ ଦେଶମାନଙ୍କ ସହିତ ଏକାସଙ୍ଗରେ ଯୋଗାଯୋଗ ରକ୍ଷା କରିବାରେ  ଭାରତ ବିଶ୍ୱର ଅଳ୍ପକେତୋଟି ଦେଶ ମଧ୍ୟରେ ଅନ୍ୟତମ । ପ୍ରତିରକ୍ଷା ଓ ନିରାପତ୍ତା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ମଧ୍ୟ ଭାରତ କୂଟନୈତିକ ସମ୍ପର୍କକୁ ସୁଦୃଢ଼ କରିପାରିଛି ବୋଲି ସେ କହିଛନ୍ତି ।

## ଏନ୍‌ଟିଏ-ସିୟୁଇଟି

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁଜି ୨୦୨୫ନିମନ୍ତେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରିଛି । ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ଦେୟ ଦାଖଲ କରିବା ସମୟସୀମାକୁ ମଧ୍ୟ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ରରେ ଆବଶ୍ୟକ ସଂଶୋଧନ କରିପାରିବେ ।

ସୂଚନା ଅନୁଯାୟୀ ଏହି ପ୍ରବେଶିକା ପରୀକ୍ଷା ଚଳିତବର୍ଷ ମେ’ ୮ ତାରିଖରୁ ଜୁନ୍ ୧ ତାରିଖ ମଧ୍ୟରେ ଦେଶର ବିଭିନ୍ନ କେନ୍ଦ୍ର ଏବଂ ବିଦେଶର ୧୫ଟି ପରୀକ୍ଷା କେନ୍ଦ୍ରରେ କମ୍ପ୍ୟୁଟର ଭିତ୍ତିରେ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଦେଶର ଯେକୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କିମ୍ବା ରାଜ୍ୟର ନିର୍ଦ୍ଧାରିତ ବିଶ୍ୱବିଦ୍ୟାଳୟ, ଡିମ୍‌ଡ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ ।

## ପିଏମ୍-ରାମ ମନୋହର ଲୋହିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ରାମ ମନୋହର ଲୋହିଆଙ୍କ ଜନ୍ମବାର୍ଷିକୀରେ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଡକ୍ଟର ଲୋହିଆଙ୍କୁ ଜଣେ ଦୂରଦର୍ଶୀ ନେତା,

ସ୍ୱାଧୀନତା ସଂଗ୍ରାମୀ ଏବଂ ସାମାଜିକ ନ୍ୟାୟର ପ୍ରତୀକ ବୋଲି ବର୍ଣ୍ଣନା କରିଛନ୍ତି । ଦେଶପ୍ରତି ତାଙ୍କର ଅବଦନାକୁ ସ୍ମରଣ କରି ଶ୍ରୀ ମୋଦୀ କହିଛନ୍ତି ଡକ୍ଟର ଲୋହିଆ ଗରିବ ଲୋକଙ୍କ ସଶକ୍ତିକରଣ ଏବଂ ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

## ଗାଜା-ହମାସ୍ ଆକ୍ରମଣ

ଗାଜାର ଖାନ୍ ୟୁନିସ୍‌ଠାରେ ଇସ୍ରାଏଲର ବିମାନ ଆକ୍ରମଣରେ ହମାସ୍‌ର ରାଜନୈତିକ ନେତା ସଲାହ ଅଲ୍ଲ ବରଦାୱିଲ ନିହତ ହୋଇଛନ୍ତି । ହମାସ୍ ଏବଂ ପାଲେଷ୍ଟାଇନ୍ ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ହମାସ୍ ନେତା ବରଦାୱିଲଙ୍କୁ ଲକ୍ଷ୍ୟକରି ଦକ୍ଷିଣ ଗାଜାର ଏହି ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯାଇଥିଲା । ଏଥିରେ ବରଦାୱିଲଙ୍କ ପତ୍ନୀ ମଧ୍ୟ ନିହତ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଗାଜାର ବିଭିନ୍ନ ଅଞ୍ଚଳରେ ଗତକାଲି ସକାଳୁ ଇସ୍ରାଏଲର ବିମାନ ଆକ୍ରମଣରେ ୩୨ଜଣ ପାଲେଷ୍ଟାଇନ୍ ଅଧିବାସୀଙ୍କର ମୃତ୍ୟୁ ହୋଇଛି । ଅସ୍ତ୍ରବିରତି ଚୁକ୍ତିର ସମୟସୀମା ଶେଷ ହେବା ପରେ ଗାଜା ଉପରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ତୀବ୍ର ହୋଇଛି । ଇତିମଧ୍ୟରେ ହମାସ୍‌ର ଅନ୍ୟକେତେକ ଉଚ୍ଚପଦସ୍ଥ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ମଧ୍ୟ ହୋଇଛି । ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା

ଅନୁଯାୟୀ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ ସେନାପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆର୍‌ଏସ୍‌ଏସ୍ ସେଣ୍ଟେନାରୀ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆର୍‌ଏସ୍‌ଏସ୍ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଅନେକ କାର୍ଯ୍ୟକ୍ରମ ଆୟୋଜନର ଯୋଜନା କରାଯାଇଛି ବୋଲି ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ସୂଚନା ଦେଇଛନ୍ତି । ବେଙ୍ଗାଲୁରୁଠାରେ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭାର ୩ଦିନିଆ ରାଷ୍ଟ୍ରୀୟ ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି । ଚଳିତବର୍ଷ ବିଜୟାଦଶମୀଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ସାମାଜିକ ସଦ୍‌ଭାବ ଏବଂ ଜାତୀୟ ଏକତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟନେଇ ତୃଣମୂଳ ସ୍ତରରେ ଜନସମ୍ପର୍କ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ଶ୍ରୀ ହୋସାବଲେ ସୂଚନା ଦେଇଛନ୍ତି ।

## ୟୁଏସ୍‌ଏ-ତାଲିବାନ

୩ଜଣ ବରିଷ୍ଠ ତାଲିବାନ ନେତାଙ୍କ ଉପରେ ପୂର୍ବରୁ ଆମେରିକା ଘୋଷଣା କରିଥିବା ୧୦ ନିୟୁତ ଆମେରିକୀୟ ଡଲାର ରାଶିକୁ ପ୍ରତ୍ୟାହାର

କରାଯାଇଛି । ଆଫଗାନିସ୍ତାନର ପୂର୍ବତନ ସରକାରଙ୍କ ବିରୋଧରେ ରକ୍ତାକ୍ତ ଆକ୍ରମଣ ପାଇଁ ଦାୟୀ ଏକ ଶକ୍ତିଶାଳୀ ନେଟୱ୍ୱର୍କର ମୁଖ୍ୟ ଥିବା ଆଭ୍ୟନ୍ତରୀଣ ମନ୍ତ୍ରୀଙ୍କ ସମେତ ଅନ୍ୟ ୨ଜଣଙ୍କ ଉପରେ ଏହି ପୁରସ୍କାର ରାଶି ଘୋଷଣା କରାଯାଇଥିଲା । କାବୁଲଠାରେ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ ମାତିନକ୍ୱାନି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଆମେରିକା ସରକାର ହକାନି, ଅବଦୁଲ ଅଜିଜ୍ ହକାନି ଏବଂ ୟାହା ହକାନିଙ୍କ ଉପରେ ଘୋଷଣା କରିଥିବା ଏହି ରାଶିକୁ ପ୍ରତ୍ୟାହାର କରିଛି । ଅନ୍ୟପକ୍ଷରେ ଇରାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ ଜାକିର ଜଲାଲି କହିଛନ୍ତି ତାଲିବାନ ଦ୍ୱରା ଆମେରିକୀୟ ପଣବନ୍ଦୀ ଜର୍ଜ୍ ଗ୍ଲେଜମ୍ୟାନ୍ଙ୍କୁ ମୁକ୍ତ କରିବା ପରିପ୍ରେକ୍ଷୀରେ ଆମେରିକା ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଫଗାନିସ୍ତାନ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହେବାରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## ବାସ୍କେଟ ବଲ

ଭାରତୀୟ ବାସ୍କେଟ ବଲ୍ ଦଳ ଏଫ୍.ଆଇ.ବି.ଏ ପୁରୁଷ ଏସିଆ କପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କରିଛି । ବାହାରିନ୍‌ର ମାନାମାସ୍ଥିତ ଖଲିଫା ସ୍ପୋର୍ଟ୍ସ ସିଟିଠାରେ ଭାରତୀୟ ଦଳ ବାହାରିନଙ୍କୁ ୮୧-୭୭

ପଏଣ୍ଟରେ ପରାସ୍ତ କରି ଏହି ସଫଳତା ହାସଲ କରଛି । ଦୁଇଦଳ ମଧ୍ୟରେ ଚିତ୍ତାକର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ୫ରୁ ୧୭ତାରିଖ ପର୍ଯ୍ୟନ୍ତ ସାଉଦୀ ଆରବର ଜେଦାହଠାରେ ଅନୁଷ୍ଠିତ ହେବାକୁ ଥିବା କଣ୍ଟିନେଣ୍ଟାଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଭାରତ ଜେଦାହ ଯାତ୍ରା କରିବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ସାଢ଼େ ୩ଟାରେ ହାଇଦ୍ରାବାଦରେ ସନ୍ ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ । ଅନ୍ୟଏକ ମ୍ୟାଚ୍‌ରେ ସଂଧ୍ୟା ସାଢ଼େ ୭ଟାରେ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଚେନ୍ନାଇରେ ପରସ୍ପରକୁ ଭେଟିବେ । ଗତ ସଂସ୍କରଣର ଉପବିଜେତା ସନ୍‌ରାଇଜର୍ସ ହାଇଦ୍ରାବାଦ ଆଜି ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍ ଖେଳିବ । ଗତ ସଂସ୍କରଣର ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ୍‌ରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ । ଏଥିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା ।

କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯାଇଥିବା ଗତକାଲିର ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୭ ଓ୍ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଥିଲା ।